## ଏହି ରିପୋର୍ଟ ସିରିଜ୍ ବିଷୟରେ

ଏହି ରିପୋର୍ଟ ଅଣ-ନ୍ୟାୟିକ ମାନବାଧିକାର ସମାଧାନ ବ୍ୟବସ୍ଥା ପ୍ରକଳ୍ପ (ନନ୍-ଜୁଡିସିଆଲ୍ ହ୍ୟୁମାନ୍ ରାଇଟ୍ସ ରେଡ୍ରେସ୍ ମେକାନିଜିମ୍ ପ୍ରୋଜେକ୍ଟ)ଦ୍ୱାରା ପ୍ରସ୍ତୁତ ଏକ ସିରିଜ୍ର ଅଂଶବିଶେଷ ଅଟେ, ଯାହା ପାଂଚ ବର୍ଷର ଗବେଷଣାର ନିଷ୍କର୍ଷରୁ ଆସିଛି। ଏହାର ତଥ୍ୟ ଗବେଷଣାରେ ଅନ୍ତର୍ଭୁକ୍ତ କେସ୍ ଷ୍ଟଡିଜ୍ ଏବଂ ୧,୧୦୦ ବ୍ୟକ୍ତିବିଶେଷଙ୍କ ସମେତ ସାରା ଦେଶରେ ୫୮୭ରୁ ଅଧିକ ସାକ୍ଷାତକାରକୁ ନେଇ ଆଧାରିତ ଅଟେ। ଅଣ-ନ୍ୟାୟିକ ସମାଧାନ ବ୍ୟବସ୍ଥା ଅଭିଯୋଗଗୁଡ଼ିକ ଗ୍ରହଣ ଓ ଅଭିଯୋଗରେ ମଧ୍ୟସ୍ଥତା କରେ, କିନ୍ତୁ ଆଇନଗତ ଭାବେ ମୀମାଂସା କରିବା ପାଇଁ ଏହା କ୍ଷମତାସଂପନ୍ନ ନୁହେଁ। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ବହୁରାଷ୍ଟ୍ରୀୟ ବ୍ୟବସାୟ କାର୍ଯ୍ୟକଳାପ ସମ୍ବନ୍ଧିତ ମାନବାଧିକାର ଉଲ୍ଲଂଘନର ଅଭିଯୋଗ ଉପରେ ଏହି ବ୍ୟବସ୍ଥାର ପ୍ରଭାବକାରିତାକୁ ବିଶ୍ଳେଷଣ କରିବା। ଏହା ଏପରି ଭାବେ ଶିକ୍ଷାଦାନ ଓ ସୁପାରିସ ଉପସ୍ଥାପନ କରେ :

- ଅଣ-ନ୍ୟାୟିକ ବ୍ୟବସ୍ଥାଗୁଡ଼ିକ ବିପଦଗ୍ରସ୍ତ ସଂପ୍ରଦାୟ ଓ କର୍ମଚାରୀମାନଙ୍କର ସମାଧାନ ଓ ନ୍ୟାୟ ପ୍ରଦାନ କରିପାରିବେ
- ବିପଦଗ୍ରସ୍ତ ସଂପ୍ରଦାୟ ଓ କର୍ମଚାରୀମାନଙ୍କ ପାଇଁ ସମର୍ଥନ ଏବଂ ପ୍ରତିନିଧିତ୍ୱ ପ୍ରଦାନ କରିବା ପାଇଁ ବେସରକାରୀ ସଂସ୍ଥା ଓ କର୍ମଚାରୀମାନଙ୍କ ପ୍ରତିନିଧିମାନେ ଏହି ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ ଭାବେ ବ୍ୟବହାର କରିପାରିବେ
- ବ୍ୟବସାୟଗୁଡ଼ିକର କାର୍ଯ୍ୟ, ସପ୍ଲାଇ ଚେନ୍ ଏବଂ ଅନ୍ୟାନ୍ୟ ବ୍ୟବସାୟ ସମ୍ବନ୍ଧ ଦ୍ୱାରା ମାନବାଧିକାର ସମ୍ମାନ ଓ ପ୍ରତିକାରକୁ ଦୀର୍ଘକାଳୀନ ଏବଂ ଧାରଣୀୟ କରିବା ପ୍ରତି ସମାଧାନ ବ୍ୟବସ୍ଥା ଯୋଗଦାନ କରେ

ଅଣ-ନ୍ୟାୟିକ ମାନବାଧିକାର ସମାଧାନ ବ୍ୟବସ୍ଥା ପ୍ରକଳ୍ପ ହେଉଛି ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟ, ମୋନାଶ୍ ବିଶ୍ୱବିଦ୍ୟାଳୟ, ନିଉକାଷ୍ଟଲ୍ ବିଶ୍ୱବିଦ୍ୟାଳୟ, ଆରଏମ୍ଆଇଟି ବିଶ୍ୱବିଦ୍ୟାଳୟ, ଡେଇକିନ୍ ବିଶ୍ୱବିଦ୍ୟାଳୟ ଏବଂ ଏସେକ୍ସ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏକ ଶୈକ୍ଷିକ ଗବେଷଣା। ପ୍ରୋଜେକ୍ଟ ପାଇଁ ପାଣ୍ଠି ବ୍ୟବସ୍ଥା ଅଷ୍ଟ୍ରେଲୀୟ ଗବେଷଣା ପରିଷଦ କରିଥିଲା ଯେଉଁଥିରେ କୋର୍ କୋଏଲିସନ୍ ୟୁକେ, ହୋମ୍ୱର୍କର୍ସ ୱାର୍ଲଡୱାଇଡ୍, ଅକ୍ସଫାମ୍ ଅଷ୍ଟ୍ରେଲିଆ ଏବଂ ଆକ୍ସନଏଡ୍ ଅଷ୍ଟ୍ରେଲିଆ ସମେତ ଅନେକ ବେସରକାରୀ ସଂଗଠନର ସହଯୋଗ ଥିଲା। ଟିମ୍ର ପ୍ରମୁଖ ଗବେଷକମାନଙ୍କ ମଧ୍ୟରେ ଥିଲେ ଡଃ. ସମନ୍ଥା ବାଲାଟନ୍-କ୍ରିମ୍ସ, ଡଃ. ଟିମ୍ କୋନ୍ନର, ଡଃ. ଆନି ଡେଲାନି, ପ୍ରଫେସର ଫିଓନା ହେନ୍ସ, ଡଃ. କେଟ୍ ମ୍ୟାକ୍ଡୋନାଲ୍ଡ, ଡଃ. ଶେଲୀ ମାର୍ଶାଲ, ମେ ମିଲର-ଡକିନ୍ସ ଏବଂ ସାରାହ ରେନି। ଡଃ. କେଟ୍ ମ୍ୟାକ୍ଡୋନାଲ୍ଡ ଏବଂ ଡଃ. ଶେଲୀ ମାର୍ଶାଲଙ୍କ ଦ୍ୱାରା ପ୍ରକଳ୍ପ ସଂଯୋଜିତ ହୋଇଥିଲା। ପ୍ରାସଂଗିକ ବିତର୍କ ପ୍ରତି ଏହି ରିପୋର୍ଟ ମୁକ୍ତ ବିଦ୍ୱାନ ଭାବେ ପ୍ରତିନିଧିତ୍ୱ କରେ। ଦୃଷ୍ଟିଭଙ୍ଗୀଗୁଡ଼ିକ ଲେଖକଙ୍କର ଅଟେ ଏବଂ ଯେଉଁ ସଂସ୍ଥାମାନେ ସହଯୋଗ ସମର୍ଥନ କରିଛନ୍ତି ସେମାନଙ୍କର ନୁହେଁ।

ଏହି ରିପୋର୍ଟର ଲେଖକ ହେଉଛନ୍ତି ଡଃ. ସମନ୍ଥା ବାଲାଟନ୍-କ୍ରିମ୍ସ।

ଏହି ରିପୋର୍ଟ ସମ୍ବନ୍ଧିତ ପତ୍ରାଳାପ ପାଇଁ ଡଃ. ସମନ୍ଥା ବାଲାଟନ୍-କ୍ରିମ୍ସଙ୍କୁ Sam.b@deakin.edu.au କିମ୍ବା @SbcsbcC(Twitter)ରେ ସିଧାସଳଖ ଯୋଗାଯୋଗ କରନ୍ତୁ।

## କାର୍ଯ୍ୟସଂପାଦନ ସାରାଂଶ

୨୦୦୫ ମସିହାରେ, କୋରିଆର ବୃହତ୍ ଇସ୍ପାତ୍ କମ୍ପାନୀ ପସ୍କୋ ୧୨ ବିଲିୟନ୍ ଡଲାରର ସମନ୍ୱିତ ଇସ୍ପାତ ପ୍ରକଳ୍ପ ପାଇଁ ଭାରତରେ ଓଡ଼ିଶା ସରକାରଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ କରିଥିଲା ଯେଉଁଥିରେ ଏକ ପ୍ଲାଂଟ୍, ଖଣି ଓ ଆନୁସଂଗିକ ଭିତିଭୂମି ଅନ୍ତର୍ଭୁକ୍ତ ଥିଲା। ସେବେଠାରୁ ୧୦ ବର୍ଷ ଧରି ପ୍ରକଳ୍ପଟି ପ୍ରଭାବିତ ହେବାକୁ ଥିବା ଲୋକମାନଙ୍କର କଡ଼ା ବିରୋଧର ସମ୍ମୁଖୀନ ହେଲା, ଯେଉଁମାନେ କି ନିଜର ଚାଷଜମିକୁ ହରାଇ ବିସ୍ଥାପିତ ହେବାକୁ ଚାହୁଁ ନ ଥିଲେ। କମ୍ପାନୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଘର୍ଷ ସେହି ସମୟରେ ଚରମ ସୀମାରେ ପହଂଚିଥିଲା, ଅନେକ ହିଂସାକାଣ୍ଡ ଘଟିଥିଲା ଏବଂ ପସ୍କୋ ବିରୋଧୀଙ୍କ ଉପରେ ପୋଲିସ ଓ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ଦମନଲୀଳା ହୋଇଥିଲା। ବିରୋଧ-ପ୍ରଦର୍ଶନକାରୀଙ୍କ ବିରୋଧରେ ଶତାଧିକ ମାମଲା ରୁଜୁ କରାଗଲା ଯାହାର ବୈଧତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହା କେବଳ ମାନବାଧିକାର ଉଲ୍ଲଂଘନ ଏବଂ ହାନୀର ଏକ ମାମଲା ନ ଥିଲା, ବରଂ ବିକାଶ କାର୍ଯ୍ୟସୂଚୀରେ ବିବାଦର ସୂତ୍ର ଥିଲା।

ପସ୍କୋ ପ୍ରକଳ୍ପ ଏକାଧିକ ଘରୋଇ ନ୍ୟାୟିକ ଏବଂ ନିୟାମକ ବାଧାର ସମ୍ମୁଖୀନ ହୋଇଥିଲା। ଅଣ-ଜଙ୍ଗଲ ବ୍ୟବହାର ନିମିତ ଜଙ୍ଗଲ ଜମିର କିସମ ପରିବର୍ତନ (ଯେଉଁଥିରେ ଲୋକମାନେ ବାସ କରନ୍ତି) ମଂଜୁରୀ, ପରିବେଶ ମଂଜୁରୀ, ଜମି ଅଧିଗ୍ରହଣ ଏବଂ ଲୁହା ଖଣି ପାଇଁ ପ୍ରସପେକ୍ଟିଭ୍ ଲାଇସେନ୍ସ ମାମଲା କୋର୍ଟରେ ପହଂଚିଥିଲା ଏବଂ ଏଗୁଡ଼ିକ ମଧ୍ୟରୁ ଏବେ ବି କେତେକ ଜାରି ରହିଛି। ସମାନ ସମୟରେ, ପସ୍କୋ-ବିରୋଧୀ ପିପୁଲ୍ସ ମୁଭମେଂଟ୍ (ପିପିଏସ୍ଏସ୍) ରାସ୍ତା ଅବରୋଧ, ଜମି ଅଧିଗ୍ରହଣକୁ ପ୍ରତିରୋଧ ଭଳି ଅହିଂସା ଉପାୟରେ ନିୟୋଜିତ ଥିଲା ଏବଂ ଓଡ଼ିଶା, ଭାରତ, କୋରିଆ, ଆମେରିକା ଏବଂ ୟୁରୋପ୍‌ରେ ଥିବା ନାଗରିକ ସମାଜଠାରୁ ବ୍ୟାପକ ସମର୍ଥନ ଲାଭ କରିଥିଲା।

ଉଭୟ ରାଜନୈତିକ ଓ ବିଚାର ବିଭାଗୀୟ ଚ୍ୟାଲେଂଜ୍ ପସ୍କୋ ପ୍ରକଳ୍ପର ଅଗ୍ରଗତିକୁ ଏକ ଦଶନ୍ଧି ପାଇଁ ଅବରୋଧ କରିଛି, କିନ୍ତୁ ସଂଘର୍ଷ ଅସମାହିତ ରହିଛି। ପସ୍କୋ ଏହାର ପ୍ରକଳ୍ପକୁ ବନ୍ଦ କରିବା କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିବା ନେଇ ନିର୍ଦ୍ଦିଷ୍ଟ ଭାବେ ଜଣାଉନାହିଁ, କିନ୍ତୁ ପିପିଏସ୍ଏସ୍ ଏହା ହେବା ଚାହେଁ। ଲେଖାଯିବା ସମୟରେ, ପସ୍କୋ ପ୍ଲାଂଟ୍ ପାଇଁ ଆବଶ୍ୟକ ଜମିର ଏକ ଆଖିଦୃଶିଆ ଭାଗ ଅଧିଗ୍ରହଣ କରିଥିଲା, କିନ୍ତୁ ସମସ୍ତ ନୁହେଁ। ଏହି ପର୍ଯ୍ୟାୟରେ ଆଦୌ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ, କାରଣ କମ୍ପାନୀ ଏବେ ବି ଲୁହା ଖଣି ପାଇଁ ପ୍ରସପେକ୍ଟିଭ୍ ଲାଇସେନ୍ସକୁ ଅପେକ୍ଷା କରି ରହିଛି।

### ଓଇସିଡି ଏନ୍‌ସିପି ପ୍ରକ୍ରିୟା

ଅକ୍ଟୋବର ୨୦୧୨ରେ, ଭୁବନେଶ୍ୱରର ଅନୁଷ୍ଠାନ 'ଲୋକଶକ୍ତି ଅଭିଯାନ' ଅନ୍ତର୍ଜାତୀୟ ସମର୍ଥକଙ୍କ ସହ ଦକ୍ଷିଣ କୋରିଆ, ନେଦରଲ୍ୟାଣ୍ଡସ ଏବଂ ନରୱେରେ ଅର୍ଥନୈତିକ ସମନ୍ୱୟ ଏବଂ ବିକାଶ (ଓଇସିଡି) ନ୍ୟାସନାଲ୍ କଂଟାକ୍ଟ ପଏଂଟ୍ (ଏନ୍‌ସିପି) ପାଖରେ ଅଭିଯୋଗ ଦାଖଲ କଲେ। ଅଭିଯୋଗ କରାଯାଇଥିଲା ଯେ ପସ୍କୋ ଏହାର ପ୍ରସ୍ତାବିତ ପ୍ରକଳ୍ପର ପରିବେଶଜନିତ ପ୍ରଭାବ ଏବଂ ମାନବିକ ଅଧିକାର ସୁରକ୍ଷା ନେଇ ଲୋକମାନଙ୍କ ସହିତ ଉଚିତ୍ ତଥା ଅର୍ଥପୂର୍ଣ୍ଣ ଭାବେ ଆଲୋଚନା କରିନାହିଁ, ବିଶେଷକରି ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ଲୋକଙ୍କ ସହିତ ଆଲୋଚନା କରାଯାଇନାହିଁ, ପସ୍କୋ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ହିଂସାତ୍ମକ ଉପାୟରେ ଜମି ଅଧିଗ୍ରହଣ ଯୋଗୁଁ ମାନବାଧିକାର ଉଲ୍ଲଂଘନକୁ ଏହା ପ୍ରତିରୋଧ ଅବା ହ୍ରାସ କରିବାରେ ବିଫଳ ହୋଇଛି। ମାନବାଧିକାର ବିଷୟବସ୍ତୁକୁ ପସ୍କୋ ଯେପରି ପାଳନ କରେ ସେଥିନେଇ ଅଭିଯୋଗକାରୀ ସଂଖ୍ୟାଲଘୁ ଶେୟାରହୋଲ୍ଡର ଯଥା ଡଚ୍ ପେନସନ୍ ଫଣ୍ଡ୍ ଅଲଗେମିନ୍ ବୁରଗରଲିର୍ଜ ପେନସନ୍ ଫଣ୍ଡ/ଅଲଗେମିନ୍ ପେନସନ୍ ଗ୍ରୁପ୍ (ଏବିପି/ଏପିଜି) ଏବଂ ନରୱେଜିଆନ୍ ପେନସନ୍ ଫଣ୍ଡ ନର୍ଗେସ୍ ବ୍ୟାଙ୍କ ଇନଭେଷ୍ଟମେଂଟ ମ୍ୟାନେଜମେଂଟ(ଏନବିଆଇଏମ୍)ନିକଟରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା ଏବଂ ଯଦି କମ୍ପାନୀ ଏହା କରିବାରେ ବିଫଳ ହୁଏ ତେବେ ପୁଂଜି ପ୍ରତ୍ୟାହାର କରିବାକୁ ଅନୁରୋଧ କରାଯାଇଥିଲା ।

ଏନସିପି ପ୍ରକ୍ରିୟାଗୁଡ଼ିକର ମିଶ୍ରିତ ଫଳାଫଳ ଆସିଥିଲା। କୋରୀୟ ଏନସିପି କେସ୍‌କୁ ଖାରଜ କରିଥିଲେ, ଏବଂ ନରୱେଜିଆନ୍ ପେନସନ୍ ଫଣ୍ଡ ସହଯୋଗ କରିବାକୁ ମନା କରିଦେଇଥିଲେ। ଡଚ୍ ପ୍ରକ୍ରିୟା ଏବିପି/ଏପିଜି, ଅଭିଯୋଗକାରୀଙ୍କ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା କରିଥିଲେ ଏବଂ ପରିଶେଷରେ, ପସ୍କୋ ଆଲୋଚନା ଆଧାରରେ ଏକ ଫ୍ୟାକ୍ଟ-ଫାଇଣ୍ଡିଂ ମିସନ ଆରମ୍ଭ ପାଇଁ ଲକ୍ଷ୍ୟ ରଖିଥିଲା। ତେବେ, ପକ୍ଷମାନେ ମିସନର ସର୍ତାବଳୀରେ ସହମତ ହୋଇନଥିଲେ ଏବଂ ଜମି ଅଧିଗ୍ରହଣ ଚାଲିଥିବା ବେଳେ ଫ୍ୟାକ୍ଟ ଫାଇଣ୍ଡିଂ ମିସନର ଅନୁପସ୍ଥିତିରେ ଅଭିଯୋଗକାରୀମାନେ ଆଲୋଚନା କରିବାକୁ ମନା କରିଦେଇଥିଲେ।

ଏହି ଏନସିପି ପ୍ରକ୍ରିୟାର ପ୍ରମୁଖ ସଫଳତା ସଂପୂର୍ଣ୍ଣ ଭାବେ ପଲିସି ଆଧାରିତ ଥିଲା: ମାନବାଧିକାର ଉଲ୍ଲଂଘନ ଘଟଣାରେ ଯେଉଁମାନେ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ (ଏପରିକି ଯଦି ଏହା ପ୍ରତ୍ୟକ୍ଷ ଭାବେ ସେହି କ୍ଷତିର କାରଣ ନୁହେଁ କିମ୍ବା ଯୋଗଦାନ କରେ ନାହିଁ) ସେମାନଙ୍କ ପାଇଁ ଉଦ୍ୟମ ଓ

ପ୍ରତିବିଧାନ କରିବାରେ ସଂଖ୍ୟାଲଘୁ ଶେୟାରହୋଲ୍ଡରମାନଙ୍କର ଦାୟିତ୍ୱ ରହିଛି। ଏହା ସଂଖ୍ୟାଲଘୁ ଶେୟାରହୋଲଡ୍ରମାନଙ୍କୁ ନିୟୋଜିତ କରିବାର ସମ୍ଭାବନା ସୃଷ୍ଟି କରିଥିଲା, ବିଶେଷକରି ସେମାନଙ୍କୁ, ଯେପରିକି ନ୍ୟାସନାଲ୍ ପେନସନ୍ ଫଣ୍ଡ, ଯାହାର ସ୍ୱତନ୍ତ୍ର ଉପଲବ୍ଧ ସାଧନ ରହିଛି ମାନବାଧିକାର କ୍ଷୁଣ୍ଣ ହେବା କ୍ଷେତ୍ରରେ କମ୍ପାନୀ ଉପରେ ଚାପ ପକାଇବା ପାଇଁ।

ତେବେ, ଏନସିପି କେସ୍ ମଧ୍ୟ ପ୍ରଦର୍ଶିତ କରିଥିଲା ଯେ ଏନସିପି ମଧ୍ୟରେ କାର୍ଯ୍ୟଗତ ସମାନତାର ଅଭାବ ରହିଛି, ଯେହେତୁ ସମସ୍ତ ତିନିଟିର ଭିନ୍ନ ଫଳାଫଳ ରହିଥିଲା। ଓଇସିଡି ୱାଚ୍ ଦର୍ଶାଇଥିଲା ଯେ ଅଭିଯୋଗ ପରିଚାଳନାର ଦୃଢ଼ ସ୍ତରଗୁଡ଼ିକରେ କାର୍ଯ୍ୟଗତ ସମାନତା ସମସ୍ତ ଏନସିପି ପାଇଁ ନିତାନ୍ତ ଆବଶ୍ୟକ।

ଅଧିକନ୍ତୁ, ଫ୍ୟାକ୍ଟ-ଫାଇଣ୍ଡିଂ ମିସନ ଆରମ୍ଭ କରିବାର ବିଫଳତା ଓଡ଼ିଶାରେ ମାନବାଧିକାର ପୂରଣ ଉପରେ ସକାରାତ୍ମକ ପ୍ରଭାବ ପକାଇବାର ଏକ ସୁଯୋଗ ହରାଇବାକୁ ଉପସ୍ଥାପନ କରେ। ଏହି ପୃଷ୍ଠଭୂମିରେ ଯେଉଁଠି ପ୍ରକଳ୍ପ ବାବଦରେ ଅଧିକାଂଶ ସୂଚନା ପସ୍କୋ ଏବଂ ପସ୍କୋ-ସପକ୍ଷବାଦୀ ସରକାର ଦ୍ୱାରା ନିୟନ୍ତ୍ରିତ, ଏବଂ ମାନବାଧିକାର ପ୍ରଭାବ ସଂପର୍କରେ ଅତି ନଗଣ୍ୟ ତଥ୍ୟ ବାହାରେ ଉପଲବ୍ଧ, ସେହି ତଥ୍ୟ ଆଧାରରେ ସଂପ୍ରଦାୟ ଆଲୋଚନାରେ ସାମିଲ ହେବାର ଆଶା କରିବା ଏନସିପି ପାଇଁ ଅନୁଚିତ୍। ଏକ ବିବାଦର ସମାଧାନ ବିଷୟରେ ସମ୍ଭାବନାଗୁଡ଼ିକ ପାଇଁ ରାଜନୈତିକ ଏବଂ ଅର୍ଥନୈତିକ ପୃଷ୍ଠଭୂମିର ଗୁରୁତ୍ୱକୁ ଉଚିତ୍ ବିଚାର କରିବାର ବିଫଳତାକୁ ଏହି ଚାପ ପ୍ରଦର୍ଶିତ କରେ।

ଓଇସିଡି ଏନସିପି ପ୍ରକ୍ରିୟା ସମ୍ବନ୍ଧରେ, ଏଣୁ ରିପୋର୍ଟରେ ମିଳିଅଛି ଯେ ଡଚ୍ ଓ ନରୱେଜିଆନ୍ ଏନସିପିଗୁଡ଼ିକର କେତେକ ଯଥାର୍ଥ ଉଦ୍ୟମ ସତ୍ତ୍ୱେ, ଅଭିଯୋଗରେ ସିଧାସଳଖ ରହିଥିବା ମାନବାଧିକାର ବିଷୟବସ୍ତୁଗୁଡ଼ିକର ସୁରକ୍ଷା, ସମ୍ମାନ ଅବା ପ୍ରତିବିଧାନ କରିବା ଦିଗରେ ଏନସିପି ପ୍ରକ୍ରିୟା ଆଦୌ ଚିହ୍ନଟଯୋଗ୍ୟ ସକାରାତ୍ମକ ଯୋଗଦାନ କରିନାହିଁ।

ବାଧା ଓ ପ୍ରତିବିଧାନ ସକ୍ଷମ ଓ ପ୍ରତିରୋଧ କରିବା

ଏହି ରିପୋର୍ଟ ବ୍ୟାପକ ପ୍ରସଙ୍ଗକୁ ଯାଂଚ କରେ ଯେଉଁଥିରେ ପସ୍କୋ ଦ୍ୱାରା ପ୍ରଭାବିତ ଲୋକମାନେ ଜମି ଅଧିଗ୍ରହଣ ଜନିତ ଅତୀତ କ୍ଷତିର ପ୍ରତିବିଧାନ ଚାହିଁବା ସହିତ ଭବିଷ୍ୟତରେ କ୍ଷତିର ପ୍ରତିରୋଧ ଚାହିଁଛନ୍ତି। ରିପୋର୍ଟ ଦର୍ଶାଏ ଯେ, ପ୍ରଧାନତଃ ବାଧା ଓ ପ୍ରତିବିଧାନର ବଡ଼ ବାଧା ରହିଛି ହେଲେ ଏହା ଏନସିପି ପ୍ରକ୍ରିୟାରେ ସୀମିତ ନୁହେଁ, ଏହି ମାମଲାରେ ଉପଯୁକ୍ତ ଅଟେ :

- ଓଡ଼ିଶା ପୃଷ୍ଠଭୂମିରେ ରାଜନୈତିକ ଅର୍ଥନୀତି ଯେଉଁଠି ସରକାରଙ୍କର ସମସ୍ତ ନିର୍ଦ୍ଦେଶିତ ଶକ୍ତି ପ୍ରକଳ୍ପର ସମର୍ଥକ
- ଅସୁରକ୍ଷିତ ଓ ଦମନମୂଳକ ବାତାବରଣ ଯାହା ପ୍ରକଳ୍ପ ବିରୋଧୀଙ୍କୁ ଚପାଇବା ପାଇଁ କାର୍ଯ୍ୟ କରେ
- ପ୍ରକଳ୍ପର ପ୍ରଭାବଗୁଡ଼ିକ ବିଷୟରେ ସୂଚନା ପ୍ରଦାନର ନଗଣ୍ୟ ବ୍ୟବସ୍ଥା, ବିଶେଷକରି ସାମାଜିକ ପ୍ରଭାବ ଓ ମାନବାଧିକାର ସଂପର୍କରେ

ରିପୋର୍ଟରୁ ଜଣାପଡ଼େ ଯେ ଏହି ମାମଲାରେ ବାଧା ଓ ପ୍ରତିବିଧାନ ସକ୍ଷମ କରୁଥିବା ଉଲ୍ଲେଖନୀୟ କାରକଗୁଡ଼ିକ ରହିଛନ୍ତି :

- ପ୍ରଭାବିତ ଅଂଚଳରେ ପ୍ରକଳ୍ପ ବିରୋଧୀଙ୍କ ସହନଶୀଳତା ଓ ଶକ୍ତି ରହିଛି
- ନାଗରିକ ସମାଜର ନେଟୱର୍କ ରୂପରେ ସ୍ଥାନୀୟ ନେତୃତ୍ୱ ଓ ସଂଗଠନର ଶକ୍ତି, ସାରା ଭାରତରୁ ଅନ୍ୟାନ୍ୟ ଅନୁରୂପ ଆନ୍ଦୋଳନରୁ ସମର୍ଥନ ପାଇଛନ୍ତି
- ସାମାଜିକ ଓ ପରିବେଶଗତ ପ୍ରଗତିଶୀଳ ବିଚାର ବିଭାଗୀୟ ସଂସ୍ଥା, ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ଏବଂ ଏଥିରେ ନିୟୋଜିତ ହେବାକୁ ସକ୍ଷମ ଲିଗାଲ୍ ସାମାଜିକ କାର୍ଯ୍ୟକର୍ତ୍ତାଙ୍କର ଏକ ଟିମ୍‌ର ଉପଲବ୍ଧତା
- ବହୁରାଷ୍ଟ୍ରୀୟ ନାଗରିକ ସମାଜର ବହୁ-ସ୍ତରୀୟ ସମର୍ଥନ

ରିପୋର୍ଟରୁ ଏହା ମଧ୍ୟ ଜଣାପଡ଼େ ଯେ:

ଏହି ମାମଲାରେ ଅନ୍ତର୍ଜାତୀୟ ବ୍ୟବସାୟ ଏବଂ ମାନବାଧିକାର ନିବାରଣର ବିରୋଧାତ୍ମକ ଧାରଣାର ପ୍ରଭାବଗୁଡ଼ିକ ରହିଥିଲା। ଏହା ପୂର୍ବରୁ ଏହି ଅଂଚଳ ବିଷୟରେ ଅନଭିଜ୍ଞ ଥିବା ପସ୍କୋ ସ୍ୱେଚ୍ଛାକୃତ ମାନବାଧିକାର ପ୍ରତିଶ୍ରୁତିଗୁଡ଼ିକ ବିକଶିତ କରାଇଥିଲା, କିନ୍ତୁ ଭାରତରେ ଏହାର ବ୍ୟାବସାୟିକ ଆଚରଣରେ ସେଭଳି କୌଣସି ବାସ୍ତବ ପରିବର୍ତ୍ତନ ଅଣାଇ ପାରିନଥିଲା। ଅଧିକନ୍ତୁ, ପୃଷ୍ଠଭୂମିରେ ବିନା କୌଣସି ପରିବର୍ତ୍ତନରେ ସମାଲୋଚନାକୁ

ବିଚ୍ୟୁତ କରିବାର ମାଧ୍ୟମଗୁଡ଼ିକ ସହିତ ପସ୍କୋକୁ ଏହା ସଜ୍ଜିତ କରିଥାଇପାରେ, ତାହା ଫଳରେ ମାନବାଧିକାର ସମ୍ପାଦନ ଉପରେ ପରିଶେଷରେ କ୍ଷତିର ପ୍ରଭାବ ରହିଛି।